# କେନ୍ଦୁଝର : ଗଛ ଲଗାଇ ମେଗା ବୃକ୍ଷରୋପଣ ଅଭିଯାନର ଶୁଭାରମ୍ଭ କଲେ ଜିଲ୍ଲାପାଳ




କେନ୍ଦୁଝର, ତା ୨୭.୦୭. ଚଳିତ ଜୁଲାଇ ୨୭ ତାରିଖ ଶୁକ୍ରବାର ଦିନ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟସ୍ତରରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ବୃକ୍ଷ ରୋପଣ କରି ମେଗା ବୃକ୍ଷ ରୋପଣ ଅଭିଯାନର ଶୁଭାରମ୍ଭ କରିଥିବା ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାରେ ଜିଲ୍ଲାପାଳ ଆଶିଷ ଠାକରେ ଚାରା ବୃକ୍ଷ ଲଗାଇ ମେଗା ବୃକ୍ଷ ରୋପଣ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଶୁକ୍ରବାର ପୂର୍ବାହ୍ନରେ ସଦର ବ୍ଲକ୍ ଅନ୍ତର୍ଗତ ହଳଦିଆଟାଙ୍ଗିରି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ନରଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରା ବୃକ୍ଷ ରୋପଣ କରିଛନ୍ତି । ଏହି ଅବସରରେ ଏକ ବାର୍ତାରେ ଜିଲ୍ଲାପାଳ ଶ୍ରୀ ଠାକରେ କହିଛନ୍ତି ଯେ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ଏବଂ ବନ ବିଭାଗ ତଥା ଉଦ୍ୟାନ କୃଷି ବିଭାଗ ସହଯୋଗରେ ଉକ୍ତ ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଜିଲ୍ଲାରେ ଉଭୟ ସହରାଂଚଳ ଓ ଗ୍ରାମାଂଚଳରେ ପାଚେରୀ ଥିବା ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ, ଗ୍ରାମ ପଂଚାୟତ କାର୍ଯ୍ୟାଳୟ, ରାସ୍ତା କଡମାନଙ୍କରେ ବୃକ୍ଷରୋପଣ ପାଇଁ ପ୍ରାଥମିକତା ଦିଆଯାଉଛି । ଚାରା ବୃକ୍ଷ ରୋପଣ ସହିତ ଏହା କିପରି ସୁରକ୍ଷିତ ଭାବେ ବଢିବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ବୃକ୍ଷ ରୋପଣ ମାଧ୍ୟମରେ ସବୁଜ ଓଡିଶା ଗଠନ ଅଭିଯାନର ଉଦ୍ଦେଶ୍ୟ । ଡି.ଏଫ୍.ଓ କେନ୍ଦୁଝର, ଡି.ଏଫ.ଓ. ଆନନ୍ଦପୁର ଓ ଉପନିର୍ଦ୍ଦେଶକ ଉଦ୍ୟାନ ବିଜୁ ଯୁବ ବାହିନୀକୁ ଚାରା ବୃକ୍ଷ ଯୋଗାଉଛନ୍ତି ଏବଂ ଜିଲ୍ଲାରେ ୧ ଲକ୍ଷ ୩୧ ହଜାର ଚାରା ବୃକ୍ଷ ରୋପଣ କରାଯିବା ପାଇଁ ଲକ୍ଷ ରଖାଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି । ଏହି ମେଗା ବୃକ୍ଷରୋପଣ ଅଭିଯାନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର, ସର୍ବଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସଂଜୀବ ବାରିକ, ବ୍ଲକ୍ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ସହକାରୀ ଏ.ସି.ଏଫ୍. ମନୋରଞ୍ଜନ ମିଶ୍ର, ଫରେଷ୍ଟ ରେଞ୍ଜ ଅଫିସର ଅନ୍ତର୍ଯ୍ୟାମୀ ବେହେରା, ଫରେଷ୍ଟର ଭୂପତି ସେଠୀ, ଡେପୁଟି ରେଞ୍ଜର ଘାସିରାମ ପାତ୍ର, ନରଣପୁର ଗ୍ରାମ ପଂଚାୟତ ସରପଂଚ ନରେନ୍ଦ୍ରନାଥ ନାଏକ ସଂପୃକ୍ତ ବିଦ୍ୟାଳର ପ୍ରଧାନଶିକ୍ଷୟିତ୍ରୀ, ବିଜୁ ଯୁବ ବାହିନୀର କର୍ମକର୍ତା ପ୍ରମୁଖ ଯୋଗଦେଇଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ ଓ ସ୍ୱେଚ୍ଛାସେବୀ ସଂଗଠନ ଓସ୍କାର ସଂଯୋଜକ ମାନସିଂ ଦୁର୍ଗା ପ୍ରସାଦ ନାୟକ ଶୁଭାରମ୍ଭ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନା କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, କେନ୍ଦୁଝର